# Akashvani, Sambalpur

## SAMBALPURI NEWS BULLETIN

### 1 February 2026 – 6.47- 6.52 am.

****************************************************

ସାଧାରଣ ବଜେଟ୍        ଏନ୍ଏସ୍ଡି

ଅର୍ଥମନ୍ତ୍ରୀ ନିମଳା ସୀତାରମଣ୍ ଆଏଜ୍ ଲୋକ୍ସଭା ନ ୨୦୨୬-୨୭ ଆର୍ଥିକ୍ ବଛର୍ର ବଜେଟ୍ ଉପସ୍ଥାପନ୍ କର୍ବେ । ତାର୍ ଉତ୍ରୁ ବଜେଟ୍ର ଗୁଟେ କପି ରାଜ୍ୟସଭା ନ ଉପସ୍ଥାପନ୍ କରାଯିବା । ସଂସଦ୍ର ଦୁହି ଗୃହ ନ ବଜେଟ୍ ଭାଷଣ୍ ଶେଷ୍ ହେବାର୍ ଉତ୍ରୁ ବଜେଟ୍ ଦସ୍ତାବିଜ୍ ସବୁ ମୋବାଇଲ୍ ଆପ୍ ଆଉ ୱେବ୍ସାଇଟ୍ଥି ମିଲିପାର୍ବା । ବଜେଟ୍ ଉପସ୍ଥାପନ୍ କର୍ବାର୍ ଆଘୋନୁ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ୍ ରାଷ୍ଟ୍ରପତି ଭବନ୍କେ ଯାଇକରି ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କର୍ବାର୍ କାର୍ଯ୍ୟସୂଚୀ ରହିଛେ । ତାର୍ ଉତ୍ରୁ ସଂସଦ୍ ଭବନ୍ ପରିସର୍ ନ କେନ୍ଦ୍ର କେବିନେଟ୍ର ବୈଠକ୍ ଭିଲ୍ ହେବା ।

ବଜେଟ୍ ଉପସ୍ଥାପନ୍ ଉତ୍ରୁ ଦେଶର୍ ଭିନ୍ ଭିନ୍ ଇଲାକାର୍ ପାଖାପାଖି ୩୦ ଝନ୍ କଲେଜ୍ ଛାତ୍ରଛାତ୍ରୀମାନ୍କର୍ ସାଙ୍ଗେ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ୍ ବଜେଟ୍ ବାବ୍ଦେ ଆଲୋଚନା କର୍ବେ । ଇ

ଛାତ୍ରଛାତ୍ରୀମାନେ ଲୋକ୍‌ସଭା ଗେଲେରୀନୁ ଆଏଜ୍ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ୍ ସିଧାସଲଖ୍ ଦେଖ୍‌ବାର୍ ସୁଯୋଗ୍ ପାଏବେ ।

ଯୋରନ୍ଦା ମେଳା ଢେଙ୍କାନାଲ୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଢେଙ୍କାନାଲ୍ ଜିଲ୍ଲା ଯୋରନ୍ଦା ମହିମା ଗାଦୀ ନ ଚାଲିଥିବା ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମେଳାଥି ଯୋଗ୍ ଦେବେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ବହୁତ୍‌ଟେ ପ୍ରକଳ୍ପର୍ ଉଦ୍‌ଘାଟନ୍ ଆଉ ଶିଳାନ୍ୟାସ୍ କର୍‌ବେ ବଲି ଆମର୍ ସମ୍ବାଦଦାତା ସୂଚ୍‌ନା ଦେଇଛନ୍ । ଗଲାକାଏଲ୍ ମୁଲ୍ ହେଇଥିବା ଯୋରନ୍ଦା ମେଳାଥି ରାଜ୍ୟ, ରାଜ୍ୟ ବାହାର୍ ସହେତେ ନେପାଲ୍‌ନୁ ଭିଲ୍ ମହିମା ସାଧୁସନ୍ଥମାନେ ସାମିଲ୍ ହେଇଛନ୍ ।

ପଣ୍ଡିତ ରଘୁନାଥ ମୁର୍ମୁ- ଶ୍ରାଦ୍ଧବାର୍ଷିକୀ I & P R

ସାନ୍ତାଳି ଭାଷା ଅଲ୍‌ଚିକି ଲିପିର୍ ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କର୍ ଆଏଜ୍ ହେଉଛେ ଶ୍ରାଦ୍ଧବାର୍ଷିକୀ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସଖାଲ୍‌ବେଲା ବିଧାନ୍‌ସଭା ପରିସର୍ ନ ଥିବା ପଣ୍ଡିତ

ମୁର୍ମୁଙ୍କର୍ ପ୍ରତିମୂର୍ତିଥି ଶ୍ରଦ୍ଧାଞ୍ଜଲି ଜନାବେ । ଇ ଅବ୍‌ସରେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ ।

ପୁଲିସ୍-ଧ୍ୱଜାବତରଣ ଉତ୍ସବ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ସପ୍ତମ ବାଟାଲିୟନ୍ ପରିସର୍ ନ ଗଲାକାଏଲ୍ କମିଶନରେଟ୍ ପୁଲିସ୍‌ର ଧ୍ୱଜାବତରଣ ଉତ୍ସବ୍ ଆୟୋଜନ୍ କରାଯାଇଥିଲା । ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟ ପୁଲିସ୍ ବାହିନୀର୍ ସମନ୍ୱୟ ଆଉ ଶୃଙ୍ଖଳାର୍ ଇଟା ଗୁଟେ ଅନନ୍ୟ ପ୍ରତୀକ୍ ଆଏ ବଲି କହିଛନ୍ । ଯୁଦ୍ଧଥି ସୈନିକ୍ ମାନ୍‌କର୍ ବୀରତ୍ୱକେ ସୁର୍‌ତା କର୍‌ବାର୍ ଲାଗି ଇ ସମାରୋହ ପାଲନ୍ କରାଯାଏସି । ଇ ଅବ୍‌ସରେ ଭାରତୀୟ ସଶସ୍ତ୍ର ବାହିନୀର୍ ସମନ୍ୱୟ ଆଉ ଶୃଙ୍ଖଲା ପ୍ରଦର୍ଶନ୍ କରାଯାଏସି ।

ରାଜ୍ୟପାଲ୍- ଏନ୍‌ସିସି କେଡ଼େଟ୍ I & P R

ବିକଶିତ ଭାରତ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ଖାଲି ନୀତି ଆଉ ଯୋଜ୍‌ନା ଉପ୍‌ରେ ନିର୍ଭର୍ ନାଇଁ କରାଯାଇପାରେ, ଦେଶର୍ ଯୁଆନ୍ ପିଢ଼ିର୍ ଚରିତ୍ର ଦକ୍ଷତା ଆଉ ପ୍ରତିବଦ୍ଧତା ଉପ୍‌ରେ ନିର୍ଭର୍ କର୍‌ସି ବଲି

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍ପାଟି କହିଛନ୍ । ନୂଆଦିଲ୍ଲୀ ନ ଇ ବଛର୍ ସାଧାରଣତନ୍ତ୍ର ଦିବସ୍ ପରେଡ୍‌ଥି ଭାଗ୍ ନେଇଥିବା ଏନ୍‌ସିସି ଦଲ୍ ସହେତେ ଗଲାକାଏଲ୍ ଲୋକଭବନ୍ ପରିସର୍ ନ ହେଇଥିବା ଏଟ୍‌ହୋମ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ରାଜ୍ୟପାଲ୍ ଇଟା କହିଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ଏନ୍‌ସିସି କେଡ଼େଟ୍‌ମାନ୍‌କର୍ ସାଙ୍ଗେ ଭାବ୍ ବିନିମୟ କରିକରି ସେମାନ୍‌କର୍ ଆକାଂକ୍ଷା ବାବ୍‌ଦେ ପଚ୍‌ରେଇ ବୁଝିଥିଲେ ।

ଭାରତୀୟ ତଟରକ୍ଷୀ ବାହିନୀ ଥାପ୍‌ନା ଦିବସ୍ ଏନ୍‌ଏସ୍‌ଡି

ଭାରତୀୟ ତଟରକ୍ଷୀ ବାହିନୀ ଆଏଜ୍ ତାର୍ ୫୦ ନମ୍ବର୍ ଥାପ୍‌ନା ଦିବସ୍ ପାଲନ୍ କରୁଛେ । ଦିନୁ ଦିନ୍‌କେ ବଢୁଥିବା ସାମୁଦ୍ରିକ ଆହ୍ୱାନ୍ ଆଉ ସମୁଦ୍ର ଖଁଡ଼ି ଇଲାକାର୍ ସୁରକ୍ଷା ଲାଗି ୧୯୭୭ ମସିହା ଫେବୃଆରୀ ୧ ତାରିଖ୍ ଦିନ ଭାରତୀୟ ତଟରକ୍ଷୀ ବାହିନୀର୍ ଥାପ୍‌ନା କରାଯାଇଥିଲା । ଆତ୍ମନିର୍ଭର୍ ଭାରତ୍ ଆଉ ମେକ୍ ଇନ୍ ଇଣ୍ଡିଆ ଦୃଷ୍ଟିକୋଣକେ ଆଧାର୍ କରିକରି ଭାରତୀୟ ତଟରକ୍ଷୀ ବାହିନୀ ଆଏଜ୍ ବହୁତ୍‌ଟେ ସ୍ୱଦେଶୀ ଜାହାଜ୍, ବିମାନ୍ ଆଉ ଅତ୍ୟାଧୁନିକ୍ ଗୁଇନ୍ଦା ବ୍ୟବସ୍ଥା ସହେତେ ଭିତିଭୂମି ନିର୍ମାଣ୍ ଦିଗେ ବହୁତ୍ ଆଗ୍‌କେ ବଢ଼ିଛେ । ୫୦ ତମ ଇ ଥାପ୍‌ନା

ଦିବସ୍ ଅବ୍‌ସରେ ଆଏଜ୍ ନୂଆଦିଲ୍ଲୀ ନ ଗୁଟେ ଖାସ୍ ସମାରୋହର୍ ଆୟୋଜନ୍ କରାଯାଉଛେ ।

ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ I & P R

୧୯୯୪ ବେଚ୍ ଆଇଏଫ୍‌ଏସ୍ ଅଧିକାରୀ ଡକ୍ଟର୍ କେ. ମୁରୁଗେସନ୍ ରାଜ୍ୟର୍ ନୂଆଁ ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ ଆଉ ବନବାହିନୀ ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ବିଭାଗ୍ ତର୍‌ଫୁ ଗଲାକାଏଲ୍ ବିଜ୍ଞପ୍ତି ବାହାରିଛେ । ସେନ୍ତା ୧୯୯୬ ବେଚ୍ ର ୩ ଝନ୍ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଭିଲ୍ ପଦୋନ୍ନତି ମିଳିଛେ । ଶାଶ୍ୱତ୍ ମିଶ୍ର, ବିଶାଲ୍ କୁମାର୍ ଦେବ୍ ଆଉ ଉଷା ପାଢ଼ୀ ଅତିରିକ୍ତ ଶାସନ୍ ସଚିବ ପାହ୍ୟାକେ ପଦୋନ୍ନତି ପାଇଛନ୍ ।

ଜେଇଇ ମେନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁଗ୍ମ ପ୍ରବେଶିକା ପରୀକ୍ଷା- ଜେଇଇ ମେନ୍-୨୦୨୬ ସେସନ୍ -୨ ଲାଗି ଆଏଜ୍‌ଠାନୁ ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ମୁଲ୍ ହଉଛେ । ଆବେଦନ୍ ପ୍ରକ୍ରିୟା ଆଏବା ୨୫ ତାରିଖ୍‌ତକ୍ ଚାଲ୍‌ବା । ଇ ସମିଆ ଭିତ୍‌ରେ ଆପ୍ଲିକେସନ୍ ୱିଣ୍ଡୋ ଖୁଲ୍‌ବାର୍‌କେ ନେସ୍‌ନାଲ୍ ଟେଷ୍ଟିଂ ଏଜେନ୍ସି- ଏନ୍‌ଟିଏ

ତର୍ଫୁ ଯୋଜ୍ନା କରାଯାଇଛେ । ସେଆଡ଼େ ଗଲା ୨୮ ତାରିଖ୍ ଦିନ ସରିଥିବା ଜେଇଇ ମେନ୍ ସେସନ୍ -୧ ର ପରୀକ୍ଷାଫଲ୍ ଫେବୃଆରୀ ୧୨ ତାରିଖ୍ତକ୍ ବାହାର୍ବା ବଲି ଜନାପଡ଼ିଛେ ।

ସିଟି ପରୀକ୍ଷା ଫଲ        ଆର୍ଏନ୍ୟୁ/ ସମ୍ବଲପୁର

ସିଟି ପରୀକ୍ଷା ଫଲ୍ ଗଲାକାଏଲ୍ ବାହାରିଛେ । ପରୀକ୍ଷାର୍ଥୀମାନେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ୱେବ୍ସାଇଟ୍ଥି ପରୀକ୍ଷା ଫଲାଫଲ୍ ଡାଉନ୍ଲୋଡ୍ କରିପାର୍ବେ । ଇଥର ୫ ହଜାର୍ ୬ ଶହ ୪୦ ଝନ୍ ସିଟି ପରୀକ୍ଷା ଦେଇଥିଲେ । ସେଥିର୍ ଭିତ୍ରେ ୫ ହଜାର୍ ଶହେ ୪୪ ଝନ୍ ପ୍ରଥମ ଶ୍ରେଣୀଥି ପାସ୍ କରିଥିଲା ବେଲେ ୨ ଝନ୍ ଦ୍ୱିତୀୟ ଶ୍ରେଣୀଥି ପାସ୍ କରିଛନ୍ ।

ଗଜଉଦ୍ଧାରଣ୍ ବେଶ        ପୁରୀ ସମ୍ବାଦଦାତା

ପବିତ୍ର ମାଘ୍ ପୁନି ଅବ୍ସରେ ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍କର୍ ଗଜଉଦ୍ଧାରଣ୍ ବେଶ ହେବା । ମଏଧାନ୍ ଧୂପ ନୀତି ଶେଷ୍ ହେବାର୍ ଉତ୍ରୁ ମଇଲମ ଆଉ ସର୍ବାଙ୍ଗ ନୀତି କରାଯାଇକରି ତିନି

ବାଡ଼ ନ ଇ ବେଶ କରାଯିବା । ଗଜଉଦ୍ଧାରଣ ବେଶଥି ମାହାପୁରୁମାନେ ଚାରିଭୂଜା ହେଇକରି ଭିନ୍ ଭିନ୍ ଅଲଙ୍କାର୍‌ଥି ସୁସଜ୍ଜିତ ହେସନ୍ ।

କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ୍ I & P R

ଅନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରଥି ଓଡ଼ିଶାର୍ ଗୌରବ୍ ବଢ଼େଇଥିବା ରାଜ୍ୟର୍ ୪ ଝନ୍ ପ୍ରତିଭାବାନ୍ କ୍ରୀଡ଼ାବିତ୍‌ଙ୍କୁ କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଗଲାକାଏଲ୍ ସମ୍ବର୍ଦ୍ଧିତ୍ କରିଛନ୍ । କ୍ରୀଡ଼ାବିତ୍ ବିଜୟିନୀ ଲୋମା ସ୍ୱାଇଁ, ସାର୍ଥକ୍ ଆଚାର୍ଯ୍ୟ, ପଦ୍ମିନୀ ରାଉତ୍, ବିଜୟିନୀ ବିଦୁସ୍ମିତା ଭୋଇଙ୍କୁ କ୍ରୀଡ଼ାମନ୍ତ୍ରୀ ଶୁଭେଚ୍ଛା ଜନାବାର୍ ସହେତେ ପୁରସ୍କାର୍ ରାଶି ଯୁଗେଇ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପର୍ଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ହପ୍ତତକ୍ ପାଗ୍ ଏନ୍ତା ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଇ ସମିଆଥି ଜଗତ୍‌ସିଂହପୁର୍ ଆଉ କେନ୍ଦ୍ରାପଡ଼ା ନ ବହଲିଆ କୁହୁଡ଼ି ହେବା ବଲି ପାଣିପାଗ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ ।